# ମଣି ଗ୍ରୁପ୍ ଦ୍ୱାରା ନନ୍ଦନକାନନ ରାସ୍ତାରେ ବାସଗୃହ ଯୋଜନା

ଭୁବନେଶ୍ୱର, (ଆନିସ): ମଣି ତିରୁମାଲା ନାମରେ ୧.୨ ନିୟୁତ ସ୍କୟାର ଫୁଟର ବାସଗୃହ ଯୋଜନା ଭୁବନେଶ୍ୱରର ନନ୍ଦନକାନନ ରାସ୍ତାରେ ମଣିଗ୍ରୁପ ଦ୍ୱାରା ଲୋକାର୍ପିତ ହେବାକୁ ପ୍ରସ୍ତୁତ କରାଯାଉଥିବା କମ୍ପାନୀ ତରଫରୁ କୁହାଯାଇଛି ।

୧୩ ବା ୧୪ ତାଲା ବିଶିଷ୍ଟ ୧୧ ଟି ଟାଓ୍ୱାରରେ ବିଭାଜିତ ଏହି ବିଶାଳ ଆବାସିକ ବହୁତଳ ବିଶିଷ୍ଟ ଅଟ୍ଟାଳିକା ସମୁହ ସୁଖ ସ୍ୱାଚ୍ଛନ୍ଦ୍ୟର ଜୀବନ ପାଇଁ ହିଁ ପ୍ରସ୍ତୁତ କରାଯାଇଛି । ନନ୍ଦନକାନନ ରାସ୍ତାରେ ଅବସ୍ଥିତି ପାଇଁ ଏହା ସମ୍ପୂର୍ଣ ସହର ସହ ଖୁବ ଉତ୍ତମ ଭାବରେ ସଂଯୁକ୍ତ । ଦୋକାନ ବଜାର ସମୂହ ଯଥା ପଟିଆ ସ୍ଥିତ ବିଗବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ତଥା ବିକାଶମୁଖୀ ସୂଚନା ପ୍ରଯୁକ୍ତି ବିଦ୍ୟାର ପେଣ୍ଟ ସ୍ଥଳୀରେ ଏହା ଅବସ୍ଥିତ ।

ଏହି ମଣି ତିରୁମାଲା ଆବାସିକ ବହୁତଳ ବିଶିଷ୍ଟ ଅଟ୍ଟାଳିକା ୭୫ ଭାଗ ସବୁଜ ଖାଲି ସ୍ଥାନ ସହ ଦେଇ ପାରିବ ଆଧୁନିକ ଯୁଗର ସବୁ ସୁବିଧା ସୁଯୋଗର ଉପକରଣ । ପ୍ରତ୍ୟେକଟି ଦିନକୁ ଆପଣ ଉପଭୋଗ କରିପାରିବେ ଏହି ଠାରେ । ସବୁଠାରୁ ଭଲ ଭିତ୍ତିଭୂମି । ୮୦ ଭାଗ ଫ୍ଲାଟ ପାଇଁ ତିନି ଦିଗରେ ଖୋଲାସ୍ଥାନ, ପାଣି ବିଶୋଧନ ପ୍ଲାଣ୍ଟ, ପ୍ରଶସ୍ତ କାର ପାର୍କିଙ୍ଗ ବ୍ୟବସ୍ଥା, ଉଚ୍ଚ ମାନର ସୁରକ୍ଷା ବ୍ୟବସ୍ଥା, ନିଆଁ ଏବଂ ଭୂମିକମ୍ପ ସୁରକ୍ଷା ସହ ପ୍ରତି ଘର ଚାକର ମାନଙ୍କ ପାଇଁ ଅଲଗା ରହିବା ବ୍ୟବସ୍ଥା ରହିଛି ଏହି ଠାରେ । ବିଶେଷ ସୁବିଧା ଭିତରେ ରହିଛି ଖେଳ ଗୃହ, ଷ୍ଟିମ ବାଥ ବ୍ୟବସ୍ଥା ସହ ସ୍ୱା, ସୁଇମିଙ୍ଗ ପୁଲ, ଧ୍ୟାନ ଗୃହ, ଜିମ, ଅପେକ୍ଷା ସ୍ଥାନ, କଫି ସପ ଇତ୍ୟାଦି । ଏହି କମ୍ପ୍ଲେକ୍ସ ମଧ୍ୟରେ ଛୁଆ ପିଲାଙ୍କ ପାଇଁ ରହିଛି ଅଲଗା ସ୍ଥାନ ।